# ରାଜ୍ୟ ପରିବହନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟ, ଓଡିଶା, କଟକ ।

## ବସ ମାଲିକଙ୍କ ପାଇଁ ବିଶେଷ ସୂଚନା

**ପାରାଦୀପ-ଯଇପୁର-ତାରପୁର-କଟକ-ଭୁବନେଶ୍ୱର(ବରମୁଣ୍ଡା) ମାର୍ଗରେ ସ୍ଥାୟୀ ସୁବ୍ୟବସ୍ଥାକରଣ ସମୟ ସାରଣୀର ପୁନଃଗଠିତ ଅସ୍ଥାୟୀ ସୁବ୍ୟବସ୍ଥାକରଣ ସମୟସାରଣୀ।**

**(Re-fixation of Final Rationalized Timing)**

ମାନ୍ୟବର ଉଚ୍ଚତମ ନ୍ୟାୟଳୟ, ଓଡ଼ିଶାଙ୍କ W.P.(C) No. 20890/2017 ଏବଂ Misc. Case No. 17864/2017 ଆଦେଶ ସଂଖ୍ୟା -୨ ଓ ୩, ତା ୨୬.୦୯.୨୦୧୭ ରିଖ ଅନୁଯାୟୀ ପାରାଦୀପ-ଯଇପୁର-ତାରପୁର-କଟକ-ଭୁବନେଶ୍ୱର (ବରମୁଣ୍ଡା) **ବର୍ଗ** - 'କ' ମାର୍ଗରେ ଚଳାଚଳ କରୁଥିବା ସମସ୍ତ ଯାତ୍ରୀବାହୀ ଯାନର ମାଲିକମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଉକ୍ତ ମାର୍ଗରେ ପତ୍ର ସଂଖ୍ୟା -୧୧୨୩୪/ପ.କ., ତା. ୨୫.୦୮.୨୦୧୫ ର ବିଜ୍ଞପ୍ତି ଅନୁସାରେ ଚଳାଚଳ କରୁଥିବା ସମସ୍ତ ଯାତ୍ରୀବାହୀ ଯାନମାନଙ୍କର ସୁବ୍ୟବସ୍ଥାକରଣ ସମୟ ସାରଣୀକୁ ପରିବହନ ପ୍ରାଧିକାରୀଙ୍କ ପତ୍ର ସଂଖ୍ୟା – ୯୯୨୨, ତା. ୧୦.୦୮.୨୦୧୭ରଖ ରେ ଭଙ୍ଗ କରାଯାଇଅଛି ଏବଂ ଉକ୍ତ ମାର୍ଗରେ କେବଳ **ବର୍ଗ - 'କ'** ର ପୁନଃଗଠିତ Draft Rationalized Timing ପ୍ରସ୍ତୁତ କରାଯାଇ ଦୈନିକ ଖବର କାଗଜ "ସମାଜ" ଓ "ସମ୍ବାଦ" **ତା୦୯.୦୧.୨୦୧୯** ରିଖରେ ପ୍ରକାଶିତ କରାଗଲା। ଏହା ବ୍ୟତୀତ ସୂଚାଇ ଦିଆଯାଉଅଛି ଯେ, **ବର୍ଗ – 'ଖ'** ଏବଂ **ବର୍ଗ – 'ଗ'** ରେ କୌଣସି ପରିବର୍ତ୍ତନ କରାଯାଇନାହିଁ।

ପୁନଃଗଠିତ ପ୍ରସ୍ତାବିତ ସୁବ୍ୟବସ୍ଥାକରଣ ସମୟ ସାରଣୀ(The Draft Rationalized Timing)ରେ ଯଦି କୌଣସି ବସ ମାଲିକଙ୍କର କିଛି ଅଭିଯୋଗଥାଏ ବା ଯଦି କୌଣସି ବସ ପ୍ରସ୍ତାବିତ ସୁବ୍ୟବସ୍ଥାକରଣ ସମୟ ସାରଣୀରେ ଅନ୍ତର୍ଭୁକ୍ତ ହୋଇନଥାଏ ତେବେ ଅନ୍ତର୍ଭୁକ୍ତ ହୋଇନଥିବା ଯାତ୍ରୀବାହୀ ଯାନର ମାଲିକ ଅନୁମତିପ୍ରାପ୍ତ ହୋଇଥିବା ମାର୍ଗର ପ୍ରମାଣପତ୍ର (Permit copy) ସହିତ ତାଙ୍କର ଲିଖିତ ଅଭିଯୋଗ ରାଜ୍ୟ ପରିବହନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସ ମାନଙ୍କରେ ଖବର କାଗଜରେ ଏହି ସୂଚନା ପ୍ରକାଶିତହେବା ଦିନଠାରୁ **୦୭ ଦିନ** ମଧ୍ୟରେ ଦାଖଲ କରିପାରିବେ।

ପୁନଃଗଠିତ ସୁବ୍ୟବସ୍ଥାକରଣ ସମୟ ସାରଣୀ(Rationalized Timing) ନିମ୍ନଲିଖିତ ଏସଟିଏ ୱେବସାଇଟ ରେ ଉପଲବ୍ଧ ଅଟେ।

୧.www.odishatransport.gov.in

୨.www.orissatransport.nic.in

୮.୧.୨୦୧୯

**ପରିବହନ ଆୟୁକ୍ତ ତଥା ଅଧ୍ୟକ୍ଷ**

**ଓଡିଶା,କଟକ**